Largest Circulated Odia Daily
SAMBAD
ସମ୍ବାଦ
ସର୍ବାଧିକ ପ୍ରଚାରିତ ଓଡ଼ିଆ ଦୈନିକ




| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

**ଭାରତ ଦ୍ୱିତୀୟ ଇନିଂସ ୨୩୭/୫, ଭାରତ ୨୯୭ ରନ୍‌ରେ ଅଗ୍ରଣୀ, ଇରଫାନ୍ ପଠାନଙ୍କ ମୂଲ୍ୟବାନ ୯୩ ରନ୍**

ତାରିଖ : ୧୨/୧୨/୨୦୦୫


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


## ପୂର୍ଣ୍ଣ ବିବରଣୀ

- **ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର**

ଭୁବନେଶ୍ୱର,(ଇମିସ): ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ଦାବିରେ 'ଆଗାମୀ ଓଡ଼ିଶା' ପକ୍ଷରୁ ଗତକାଲି ରାଜ୍ୟପାଳ ଡକ୍ଟର ରାମେଶ୍ୱର ଠାକୁରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନ ତରଫରୁ ଏକ ନିରବ ଶୋଭାଯାତ୍ରା ଏଜି ଛକରୁ ବାହାରି ରାଜଭବନ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ବୁଦ୍ଧିଜୀବୀ, ସାଂସଦ, ଶିକ୍ଷାବିତ୍, ସାହିତ୍ୟିକ, ସମାଜସେବୀ ଓ ଛାତ୍ରମାନେ ସାମିଲ ହୋଇଥିଲେ। ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ, ଆୟକର ବିଭାଗର ପୂର୍ବତନ ଡିଜି ଧୀରେନ୍ଦ୍ର କୁମାର ରାୟ, ପ୍ରଫେସର ଦିଗମ୍ବର ମିଶ୍ର, ନାଲ୍‌କୋ ଅଫିସର୍ସ ଆସୋସିଏସନର ସଭାପତି ଲଳିତ ପଟ୍ଟନାୟକ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟର ସନ୍ତୋଷ ତ୍ରିପାଠୀ ପ୍ରମୁଖ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଓଡ଼ିଶାରେ ଆଗାମୀ ଦିନରେ ଶିଳ୍ପାୟନକୁ ଦେଖିଲେ, ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପରି ଅନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ମତ ଦେବା ସହ ଏହି ଦାବିକୁ କେନ୍ଦ୍ରରେ ପହଞ୍ଚାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ ଆଗାମୀ ଓଡ଼ିଶା ପକ୍ଷରୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଦାବିରେ ନଭେମ୍ବର ୬ ତାରିଖରେ ଗଣ ସମାବେଶ, ୩୦ ତାରିଖରେ ଛାତ୍ର ସମାବେଶ ପରେ ଡିସେମ୍ବର ୮ ତାରିଖରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ମଶାଲ ଶୋଭାଯାତ୍ରା ମଧ୍ୟ ଆୟୋଜିତ ହୋଇଥିଲା। ଆସନ୍ତା ୧୬ ତାରିଖରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଏକ ଗଣଧାରଣାର ଆୟୋଜନ କରାଯାଇଛି। ଏଥିରେ ଯୋଗ ଦେବା ପାଇଁ ୧୪ ତାରିଖରେ ଓଡ଼ିଶାରୁ ଶତାଧିକ ଛାତ୍ର ଓ ବୁଦ୍ଧିଜୀବୀ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ଦିଲ୍ଲୀସ୍ଥିତ ବିଭିନ୍ନ ଓଡ଼ିଆ ସଂଗଠନଗୁଡ଼ିକ ମଧ୍ୟ ଏଥିରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଗଣଧାରଣାରେ ଦଳମତ ନିର୍ବିଶେଷରେ ଯୋଗ ଦେବାକୁ 'ଆଗାମୀ ଓଡ଼ିଶା' ପକ୍ଷରୁ ନିବେଦନ କରାଯାଇଛି।

ପୂର୍ବପୃଷ୍ଠା



**'ବାବୁ ଆଇ ଲଭ୍ ୟୁ' ସିନେମାର ନାୟକ ଓ ନାୟିକା ଚନ୍ଦନ ଓ ଅର୍ଚ୍ଚିତା।**

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୩.୨ | ୨୮.୧ |
| କଟକ | ୧୨.୦ | ୨୮.୧ |
| ବାଲେଶ୍ୱର | ୧୨.୨ | ୨୭.୯ |
| ଗୋପାଳପୁର | ୧୫.୬ | ୨୮.୫ |
| ଝାରସୁଗୁଡ଼ା | ୧୦.୧ | ୨୭.୪ |

ବିତର୍କ/ମତାମତ ସଂଗ୍ରହ

କେନ୍ଦ୍ର ଅର୍ଥ ଖର୍ଚ୍ଚ ହେଉନଥିବା ମୀରା କୁମାରଙ୍କ ମନ୍ତବ୍ୟ ରାଜ୍ୟ ସରକାରଙ୍କ ଅପାରଗତାର ପ୍ରମାଣ କି?

- ○ : ହଁ.....
- ○ : ନାହିଁ.....
- ○ : କହିପାରିବେନି....

Vote

ଅନ୍ୟାନ୍ୟ ଖବର


- ଶାନ୍ତି ଆପାର୍ଟମେଣ୍ଟରେ ମମତା ସ୍ୱାମୀର ଦଇଟି ଫ୍ଲାଟ
- ଗୁଣପୁର: ଅବକାରୀ ଚଢ଼ାଉ, ଲକ୍ଷାଧିକ ଟଙ୍କାର ମଦ ଓ ମଦ ରନ୍ଧା ସାମଗ୍ରୀ ଜବତ
- ଦୁଃଖିନୀ ଗେହ୍ଲି, ଦୁଃଖ ବୁଝିବାକୁ କେହି ନାହାନ୍ତି
- ୧୬୯ ବିଧାୟକ ନିର୍ଧାରିତ ହାଇସ୍କୁଲର ୨ ହଜାର ଶିକ୍ଷକ ଅନଶନରେ
- ଏସ୍‌ସିଇଆରଟି ନୂଆ ନିର୍ଦ୍ଦେଶକ
- କର୍ପୋରେଟର ପାଇଁ ପ୍ରାର୍ଥୀପତ୍ର ଦାଖଲ
- ସୈନିକ ସ୍କୁଲ: ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ, ହଷ୍ଟେଲ ଖାଲି କରିବାକୁ ନିଦେଶ
- ଯୁବକଙ୍କୁ ଆକ୍ରମଣ
- ତିନି ଦେହଜୀବୀଙ୍କୁ ଧରି ଚଣ୍ଡିଖୋଲ-ପାରାଦୀପ ରାଜପଥ ଅବରୋଧ
- ଅଗ୍ନିକାଣ୍ଡ: ୫୬ଟି ଘର ଭସ୍ମୀଭୂତ
- ସୃଷ୍ଟି ଏକାଡେମିର ଷ୍ଟକ ମାର୍କେଟ ସମ୍ବନ୍ଧୀୟ ଆଲୋଚନାଚକ୍ର
- ନିର୍ବାଚନ ମଣ୍ଡଳୀ ବିଭାଜନକୁ ବିରୋଧ କରି

ରାସ୍ତାରୋକ
- ମାଙ୍କଡ଼ ଉପଦ୍ରବ, ଚାଷୀ ଆତଙ୍କିତ
- ଟ୍ରକ୍ ଧକ୍କାରେ ଯୁବକ ମୃତ

Copyright © 2001 orissasambad.com

Site Developed by : www.wayindia.com